# କୃଷି ସୂଚନା ସେବା (ଧାନ)

# ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

## ୨୦୧୭ ମସିହା ଜୁଲାଇ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

### <u>ସିଧା ବୁଣାଧାନ:</u>

❖ ବର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଯଦି କୌଣସି ଘାସଥିବା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ଧାନ ବୁଣାର ୨ ସପ୍ତାହ ପରେ କିମ୍ବା ୨-୩ ପତ୍ରଘାସ ଗଛରେ ଘାସମରା ଔଷଧ ଯଥା ଆଜିମସଲଫ୍ୟୁରାନ୍ ୫୦% DF @ ୨୦ ଗ୍ରାମ୍ କିମ୍ବା ବିସିପିରିବାକ୍ ସୋଡିୟମ୍ ୧୦% SC @ ୧୨୦ ମି.ଲି. ପ୍ରତି ଏକର ପିଛା ସିଞ୍ଚନ କରନ୍ତୁ ।

କିମ୍ବା ଫେନୋକ୍ସାପ୍ରୋପ୍ - ପି-ଇଥାଇଲ୍ ୨ ଇ.ସି. @ ୨୬୦ ମି.ଲି. ପ୍ରତି ଏକର ପିଛା ଧାନ ବୁଣାର ୨୦ ଦିନ ପରେ ପ୍ରୟୋଗ କରନ୍ତୁ ।

❖ ବର୍ଷାଶ୍ରୀତ ଉଚ୍ଚାଜମି ଯେଉଁଠି ଘାସ ମରା ଔଷଧ ପ୍ରୟୋଗ କରାଯାଇନାହିଁ ସେଠାରେ ପ୍ରଥମେ ହାତରେ କିମ୍ବା ଅଙ୍ଗୁଳି ଘାସବଛା ଯନ୍ତ୍ର ବ୍ୟବହାର କରି ଘାସ ବାଛନ୍ତୁ ।

### <u>ରୁଆ ଧାନ</u>:

❖ ଜଳସେଚିତ ମଝିଆଳି ଜମିରେ ନବୀନ, ଲଲାଟ, ସି.ଆର.ଧାନ ୩୦୫, ସି.ଆର.ଧାନ ୩୦୪, ସି.ଆର.ଧାନ ୩୧୦ ଏବଂ ଅଜୟ (ସଙ୍କର),ରାଜଲକ୍ଷ୍ମୀ (ସଙ୍କର) ଇତ୍ୟାଦି ବ୍ୟବହାର କରନ୍ତୁ । ଜଳସେଚିତ କିମ୍ବା ବର୍ଷାଶ୍ରୀତ ଖାଲୁଆ ଜମିରେ ଧାନ କିସମ ତଥା ପୂଜା, ସି.ଆର.ଧାନ ୩୦୦, ସି.ଆର.ଧାନ-୭୦୧(ସଙ୍କର)ଇତ୍ୟାଦି ବ୍ୟବହାର କରନ୍ତୁ ।

❖ ପର୍ଯ୍ୟାପ୍ତ ବର୍ଷାହେଉଥିବା, ଜଳସେଚିତ ଏବଂ ବର୍ଷାଶ୍ରୀତ ଜମିରେ ଆର୍ଦ୍ରତଳିଘରାରେ ଗଜାଧାନ ବୁଣନ୍ତୁ ।

❖ ୩୨୦ ବର୍ଗମିଟର ତଳିଘରାକୁ ଭଲଭାବେ କାଦୁଅ କରି ସମତୁଲ କରି ୧୮-୨୦ କି.ଗ୍ରା. ଧାନ ବିହନ ବୁଣନ୍ତୁ । ଧାନ ବୁଣିବା ସମୟରେ ୪ କି.ଗ୍ରା. ଯବକ୍ଷାରଜାନ, ୪ କି.ଗ୍ରା. ଫସ୍ ଫରସ୍, ୪ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

❖ ଧାନ ରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇବା ପାଇଁ ମଶିଣା ତଳିଘରା ମଧ୍ୟ ପ୍ରସ୍ତୁତ କରନ୍ତୁ । ପଲିଥିନ୍ କୁ ସମାନ ଭାବେ ବିସ୍ତୃତ କରନ୍ତୁ ଏବଂ ଉପରେ ୨୪ X ୪୦ ସେ.ମି.ର ଏକ କାଠ ଛାଞ୍ଚ ରଖନ୍ତୁ । ଦୁଇ ତୃତୀୟାଂଶ ଛାଞ୍ଚରେ ଗୁଣ୍ଡ ମାଟି ଭରନ୍ତୁ । ପ୍ରତି ଛାଞ୍ଚ ଘରାରେ ୧୨୫ ଗ୍ରାମ୍ ଧାନ ବିହନକୁ ରୁଟେକ୍ସ @ ୩ ଗ୍ରାମ୍ ପ୍ରତି କି.ଗ୍ରା. ବିହନ ହିସାବରେ ମିଶାଇ ବୁଣନ୍ତୁ । ବୁଣିସାରିବା ପରେ ମଞ୍ଜିକୁ ଗୁଣ୍ଡମାଟିର ଏକ ଚତୁର୍ଥାଂଶ ଦ୍ୱାରା ଘୋଡାଇ ଦିନେ ଛାଡି ଦିନେ ହିସାବରେ ଜଳସେଚନ କରନ୍ତୁ । ଏହା ଫଳରେ ୧୫-୨୦ ଦିନ ମଧ୍ୟରେ ତଳି ପ୍ରସ୍ତୁତ ହୋଇଯାଇଥାଏ । ଏକ ଏକର ଜମି ପାଇଁ ୩୨ ଟି ଏହିପରି ତଳି ମଶିଣା ଆବଶ୍ୟକ ହୋଇଥାଏ ।

❖ ବାଲୁଙ୍ଗା ଦମନ ପାଇଁ ୩୨୦ ବର୍ଗମିଟର ତଳିଘରାରେ ୫୨ ମି.ଲି. ପ୍ରେଟିଲାକ୍ଲୋର ୫୦ ଇ.ସି. କିମ୍ବା ପାଇରାଜୋନ୍ ସଲଫ୍ୟୁରାନ୍ ଇଥାଇଲ ୧୦% DF ୬.୪ ଗ୍ରାମ୍ ସିଞ୍ଚନ କରନ୍ତୁ ।

- ❖ ମୂଳ ଜମି ପ୍ରସ୍ତୁତ ପାଇଁ ୭-୧୦ ଦିନ ବ୍ୟବଧାନରେ ଦୁଇଥର କାଦୁଅ କରି ଜମିକୁ ସମତୁଲ କରନ୍ତୁ । ଏହା ଫଳରେ ସମାନ ଭାବରେ ଗଛ ରହିଥାଏ । ପ୍ରଥମ ଥର କାଦୁଅ ସମୟରେ ଏକର ପିଛା ୨ ଟନ୍ ହିସାବରେ ଭଲ ଭାବରେ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।

- ❖ ମୂଳ ସାର ହିସାବରେ ଯବକ୍ଷାରଜାନ ସାରର ଏକ ତୃତୀୟାଂଶ(୧୪ କି.ଗ୍ରା ୟୁରିଆ/ଏକର) ଏବଂ ସମୁଦାୟ ଫସ୍ ଫରସ୍ ଏବଂ ପଟାସସାର(୪୪ କି.ଗ୍ରା DAP) ଏବଂ ୩୪ କି.ଗ୍ରା. ମ୍ୟୁରେଟ୍ ଅଫ ପଟାସ୍) ପ୍ରୟୋଗ କରନ୍ତୁ ।

- ❖ ରୋଇବାର ପ୍ରଥମ ଅବସ୍ଥାରେ ଗଛକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ୨୫-୩୦ ଦିନରେ ତଳିକୁ ଉପାଡି ସାରିବା ପରେ କ୍ଲୋରୋପାଇରିଫଓ ଦ୍ରବଣରେ (୧ ମି.ଲି./ଲିଟର) ପାଣି ବୁଡାଇ ରୁଅନ୍ତୁ ।

- ❖ ପ୍ରତି ବୁଦାରେ ୨-୩ ଟି ହିସାବରେ ତଳି ୨୦X୧୫ ସେ.ମି. ବ୍ୟବଧାନରେ ରୋଇଦିଅନ୍ତୁ । ରୋଇବାର ୧୦ ଦିନ ପର୍ଯ୍ୟନ୍ତ ୧-୨ ସେ.ମି. ଠିଆ ପାଣି ବିଲରେ ରଖନ୍ତୁ ।

- ❖ ରୁଆଧାନରେ ବାଲୁଙ୍ଗା ଦମନ ପାଇଁ ବେନସଲଫୁରନ୍ ମିଥାଇଲ ୦.୬% + ପ୍ରିଟିଲାକ୍ଲୋର ୬% GR (ଲୋଣ୍ଡେକ୍ସ ପାଉଡର କିମ୍ବା /Erase strong) ୪ କି.ଗ୍ରା./ଏକରକୁ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୩ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

******